# ଗାନ୍ଧୀ ଦର୍ଶନ ବାଣ୍ଟୁଛି ଗାନ୍ଧୀମନ୍ଦିର

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୧।୧୦

ଭାରତୀୟ ସଂସ୍କୃତିରେ ମନ୍ଦିର କେବଳ ଧର୍ମୀୟ ଉପାସନାର ପୀଠସ୍ଥଳୀ ମଧ୍ୟରେ ସୀମିତ ନୁହେଁ, ଏହା ଆସ୍ଥା ଓ ବିଶ୍ୱାସର ପ୍ରତୀକ ମଧ୍ୟ। ଏକଦା ଦେଶର ମଠମନ୍ଦିରଗୁଡ଼ିକ ପାଲଟିଥିଲା ଶିକ୍ଷା ବିକାଶର ପ୍ରମୁଖ ସ୍ଥଳ। କେବଳ ଏତିକି ନୁହେଁ, ଏଠାରେ ଉଠୁଥିଲା ଆଞ୍ଚଳିକ ସମସ୍ୟା। ଆଲୋଚନା ମାଧ୍ୟମରେ ବାହାର କରାଯାଉଥିଲା ସମାଧାନର ପନ୍ଥା। ସମୟ ପରିବର୍ତ୍ତନ ସହ ଏବେ ମନ୍ଦିର ସଂସ୍କୃତିରେ ମିଶିଛି ପୂଜ୍ୟପୂଜାର ଧାରା। ଏହାର ନିଛକ ଉଦାହରଣ କାମାକ୍ଷାନଗରର ଗାନ୍ଧୀ ମନ୍ଦିର। ଭାରତ ସ୍ୱାଧୀନତାର ପ୍ରମୁଖ ବିନ୍ଧାଣି ମହାତ୍ମା ଗାନ୍ଧୀଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଉଛି।

ଗାନ୍ଧିଜୀଙ୍କ ଅହିଂସା ନୀତି, ଦାର୍ଶନିକ ଚିନ୍ତାଧାରାକୁ ଜନମାନସରେ ପରିଚିତ କରାଇବା ଲକ୍ଷ୍ୟ ନେଇ ୨୦୦୯ ଗାନ୍ଧୀ ଜୟନ୍ତୀରେ ଶିଳାନ୍ୟାସ କରାଯାଇଥିଲା ଗାନ୍ଧୀ ମନ୍ଦିର। ୨୦୧୨ରେ ଏହା ପାଇଥିଲା ପୂର୍ଣ୍ଣାଙ୍ଗ ରୂପ। କିଛି ଦିନ ମଧ୍ୟରେ ଏହା ପାଲଟିଯାଇଛି ଗାନ୍ଧୀଦର୍ଶନର ପ୍ରମୁଖ ପୀଠସ୍ଥଳୀ। ଉଦ୍‌ଘାଟନ ପରଠାରୁ ଏଠାରେ ଦୈନିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ଥିବା ଲାଇବ୍ରେରିରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ର, ବୁଦ୍ଧିଜୀବୀ ଉପାଦେୟ ପୁସ୍ତକ ପଢ଼ିବାର ସୁଯୋଗ ପାଉଛନ୍ତି। ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧିଜୀ ୮ ଥର ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୧୯୨୮ରେ ସମ୍ବଲପୁର ବାଲିବନ୍ଧରେ ଆୟୋଜିତ ସାଧାରଣ ସଭାରେ ସେ ଜାତି ଉଦ୍ଦେଶ୍ୟରେ ରଖିଥିଲେ ଅଭିଭାଷଣ। ଏହି ସମୟରେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ୧୪ବର୍ଷର ଦଳିତ ଯୁବକ ଅଭିମନ୍ୟୁ କୁମାର। ଏହି ଘଟଣାର ଦୀର୍ଘ ୪୪ ବର୍ଷ ପରେ ୧୯୭୨ରେ ତାଙ୍କର ବଳିଷ୍ଠ ଉଦ୍ୟମରେ ଧନୁପାଲି ଭତ୍ରାରେ ଗାନ୍ଧୀମନ୍ଦିରର ଶିଳାନ୍ୟାସ କରାଯାଇଥିଲା। ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାକୁ ଅନୁସରଣ କରି କାମାକ୍ଷାନଗରରେ ମଧ୍ୟ ସମାନ ଢାଞ୍ଚାରେ ମନ୍ଦିର ନିର୍ମାଣ କରାଯାଇଛି। ଏହାଦ୍ୱାରା ଗାନ୍ଧୀଙ୍କ ଜୀବନାଦର୍ଶରେ ଅନେକେ ଅନୁପ୍ରାଣିତ ହୋଇପାରୁଛନ୍ତି। ଗାନ୍ଧୀ ଜୟନ୍ତୀ ଏବଂ ତାଙ୍କ ତିରୋଧାନ ଦିବସରେ ଏଠାରେ ଆୟୋଜିତ ହେଉଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ।



**ମହାତ୍ମା ଗାନ୍ଧୀ ଆଣ୍ଠୁ ଲୁଚୁ ନ ଥିବା ଖଦଡ଼ ଧୋତି, ହାତରେ ବାଉଁଶ ଠେଙ୍ଗା ଧରି ବ୍ରିଟିଶ ଶାସନ ବିରୋଧରେ ରଣହୁଙ୍କାର ଦେଇଥିବା ଏହି ସାଧାରଣ ମଣିଷ ଜଣକ ନିଜେ ହିଁ ନିଜର ପରିଚୟ। ଅହିଂସା ନୀତିକୁ ପୁଞ୍ଜିକରି ପରାଧୀନତାର ଶୃଙ୍ଖଳରୁ ଭାରତମାତାକୁ ମୁକ୍ତ କରିଥିବା ଏଭଳି ଜଣେ ବ୍ୟକ୍ତିତ୍ୱ ଆଗରେ ମଥାନତ କରେ ସାରା ବିଶ୍ୱ। ସ୍ୱାଧୀନତାର ଦୀର୍ଘ ୭୦ବର୍ଷ ପରେ ବି ଗାନ୍ଧୀଙ୍କ ନୀତି, ଆଦର୍ଶ, ବିଚାର ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଏହି ଧାରାକୁ ଆଗକୁ ନେବାକୁ ବଦ୍ଧପରିକର କାମାକ୍ଷାନଗରର 'ଗାନ୍ଧୀ ମନ୍ଦିର'।**



## ଅହିଂସା ନୀତି ପ୍ରଚାରର ମାଧ୍ୟମ



ଯୁବପିଢ଼ି ମହାପୁରୁଷଙ୍କ ଦର୍ଶନକୁ ଭୁଲିଗଲେଣି। ଅଞ୍ଚଳବାସୀଙ୍କୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଏହି ମନ୍ଦିର ନିର୍ମାଣ କରାଯାଇଛି। ଏହା ଅଞ୍ଚଳରେ ଅହିଂସା ନୀତି ପ୍ରଚାରର ମାଧ୍ୟମ ସାଜିବ। ଖୁବ୍ କମ୍ ଦିନରେ ଯୁବଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହେଉଥିବା ପରିଲକ୍ଷିତ ହୋଇଛି। ଏହାଦ୍ୱାରା ସାମାଜିକ ବ୍ୟବସ୍ଥାରେ ନିଶ୍ଚୟ ସୁଧାର ଆସିବ।

–ପ୍ରଫୁଲ୍ଲ କୁମାର ମଲ୍ଲିକ,
ଖଣିମନ୍ତ୍ରୀ ତଥା ମନ୍ଦିରର ଉପଦେଷ୍ଟା

## ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପଡ଼ିବ



ସତ୍ୟର ଶକ୍ତି କେତେ ତାହାକୁ ମାପି ପାରିଥିଲେ ଗାନ୍ଧୀ। ସେ କଥାର ନୁହେଁ, କାମର ମଣିଷ ଥିଲେ। ମନ୍ଦିରକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ଏହାର ପ୍ରଭାବ ନିଶ୍ଚୟ ପଡ଼ିବ। ଗାନ୍ଧୀ ଏବଂ ତାଙ୍କ ଆଦର୍ଶକୁ ଭୁଲିଯାଇଥିବା ଲୋକେ ମଧ୍ୟ ଗାନ୍ଧୀମନ୍ଦିର ଦ୍ୱାରା ସେମାନଙ୍କ ବିଚାରଧାରାରେ ପରିବର୍ତ୍ତନ ଆଣିବେ ବୋଲି ଆଶା ରହିଛି।

–ମେଜର ପ୍ରଭାତ କୁମାର ଦାସ
ବାପୁ ମନ୍ଦିର ନ୍ୟାସ ପୂଜ୍ୟପୂଜା ସଙ୍ଗଠନ ସଭାପତି

## ଅଧିକ ଲୋକଙ୍କୁ ଯୋଡ଼ିବାକୁ ଚେଷ୍ଟା ଚାଲିଛି



ମନ୍ଦିର ପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରଷ୍ଟ ଗଠନ କରାଯାଇଛି। ଏହାସହ ଅଧିକରୁ ଅଧିକ ବ୍ୟକ୍ତିଙ୍କୁ ଯୋଡ଼ିବାକୁ ଚେଷ୍ଟା କରାଯାଉଛି। ଏଠାକୁ ଆସୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସାମାନ୍ୟତମ ପରିବର୍ତ୍ତନ ଆସିଲେ ତାହା ସମାଜ ନିର୍ମାଣରେ ସହାୟକ ହେବ। ଏକଥା ସତ ଯେ, ଗାନ୍ଧୀଙ୍କ ଭଳି ହୋଇପାରିବା ସମ୍ଭବ ନୁହେଁ। ହେଲେ ଏହା ମଧ୍ୟ ବିଶ୍ୱାସ ଅଛି ନିଶ୍ଚୟ କିଛି ମାତ୍ରାରେ ପରିବର୍ତ୍ତନ ଆସିବ।

–ମାୟାଧର ପାଣି, ସମ୍ପାଦକ

## ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ



ମନ୍ଦିର ପଚିଚାଳନାରେ ଶତାଧିକ ଆଜୀବନ ସଦସ୍ୟଙ୍କ ଯୋଗଦାନ ରହିଛି। ଗାନ୍ଧୀବାଦ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ବହୁ ବ୍ୟକ୍ତି ଏଭଳି ମନ୍ଦିରରେ ଆକୃଷ୍ଟ ହୋଇ ଆସୁଛନ୍ତି। ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ଭଲ ମଣିଷ ନିର୍ମାଣ ଏହି ଅନୁଷ୍ଠାନର ଲକ୍ଷ୍ୟ । ବାପୁଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇଲେ ଏହାର ଉଦ୍ଦେଶ୍ୟ ପୂରଣ ହୋଇପାରିବ।

–ଶ୍ରୀରାମ ରାଉତ, କୋଷାଧ୍ୟକ୍ଷ



ଢେଙ୍କାନାଳ ସହର ଜୁବ୍‌ଲି ଟାଉନସ୍ଥିତ ମା' କନକଦୁର୍ଗାଙ୍କ ପୀଠରେ ନବରାତ୍ର ପୂଜା ଉତ୍ସବ ଅବସରରେ ମଙ୍ଗଳବାର ଠାକୁରାଣୀଙ୍କ ଗାୟତ୍ରୀ ବେଶ। (ଫଟୋ: ରତନ)

# ମହିଳାଙ୍କୁ ୬ମାସ ଜେଲ

ଢେଙ୍କାନାଳ ଅଫିସ, ୧।୧୦

ଢେଙ୍କାନାଳ ମହିଳା ଅଦାଲତରେ ମଙ୍ଗଳବାର ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଗୀତାଞ୍ଜଳି ନନ୍ଦ ମାମଲାର ଅଭିଯୁକ୍ତା ଶୈଳବାଳା ସାହୁଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୬ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦୦୦ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୧୫ଦିନ ଜେଲରେ ରହିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ କୁମାର ହୋତା, ଲକ୍ଷ୍ମୀଧର ପଣ୍ଡା ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ସୁନ୍ଦରପଡ଼ା ଗ୍ରାମର ଟଙ୍କଧର ବେହେରାଙ୍କ ଘରେ ଶୈଳବାଳା କାମ କରୁଥିଲେ। ୨୦୧୫ ଜାନୁୟାରୀ ୧୦ରେ ଅସୁସ୍ଥ ଝିଅଙ୍କ ଚିକିତ୍ସା କରାଇବାକୁ ଟଙ୍କଧର କଟକ ଯାଇଥିଲେ। ତାଙ୍କ ସହ ଶୈଳବାଳା ମଧ୍ୟ ଯାଇଥିଲା। ରାତିରେ ବାହାନା କରି ଶୈଳବାଳା ଟଙ୍କଧରଙ୍କ ଘରକୁ ଚାଲିଆସିଥିଲେ ଏବଂ ଘରେ ଥିବା ୭୦ ହଜାର ଟଙ୍କା, ସୁନା ଅଳଙ୍କାର ଧରି ଫେରାର ହୋଇଯାଇଥିଲେ। ଫେବୃୟାରୀ ୧ରେ ଶୈଳବାଳା ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଆସୁଥିବାବେଳେ ନଛିପୁରା ଗ୍ରାମ ନିକଟରେ ଟଙ୍କଧର ଏବଂ ତାଙ୍କ ସ୍ତ୍ରୀ ସାବିତ୍ରୀ ଅଟକାଇ ପଚରାଉଚୁରା କରିଥିଲେ। ଶୈଳବାଳାଙ୍କ ସମ୍ପର୍କୀୟ ସାବିତ୍ରୀଙ୍କୁ ଗାଳିଗୁଲଜ କରି ପଳାଇଥିଲେ। ଏ ନେଇ ସାବିତ୍ରୀଙ୍କ ଅଭିଯୋଗକ୍ରମେ ନଂ. ୨୧/୧୫ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଶୈଳବାଳାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୦ହଜାର ଟଙ୍କା ଜବତ କରିଥିଲା। ମାମଲାର ଜିଆର କେସ୍ ନଂ. ୬୦/୧୫ର ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର
ସୁବର୍ଣ୍ଣ ଜୟନ୍ତୀ ଉତ୍ସବ-୨୦୧୯
ତା. ୩.୧୦.୧୯ ଓ ତା. ୪.୧୦.୧୯ ଦୁଇଦିନ ଧରି ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଓ ପୁରାତନ ଛାତ୍ରଛାତ୍ରୀ ସମାରୋହ-୨୦୧୯ ମହାସମାରୋହରେ ପାଳିତ ହେବାକୁ ଯାଉଛି। ଉକ୍ତ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁ ବନ୍ଧୁ ମାନଙ୍କ ସଦୟ ଉପସ୍ଥିତି ଓ ପୂର୍ଣ୍ଣ ସହଯୋଗ କାମନା କରୁଛୁ । (ଆବାହକ)
ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି
ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ
State Bank of India, Statin Bazar Branch,Dhenkanal.
A/c No- 38230440120, IFSC- SBIN0017197

# ୨ ମଦ୍ୟପ ଡ୍ରାଇଭର ଗିରଫ

**ପରଜଙ୍ଗ, ୧।୧୦(ଡି.ଏନ.ଏ.):** ପରଜଙ୍ଗ ଥାନା ୫୩ନଂ ଜାତୀୟ ରାଜପଥର ଡିହଡୋଳ ଛକରେ ସୋମବାର ବିଳମ୍ବିତ ରାତିରେ ଯାନବାହନ ଯାଞ୍ଚ ବେଳେ ୨ ମଦ୍ୟପ ବାଇକ୍ ଚାଳକ ଧରାପଡ଼ିଛନ୍ତି। ସେମାନେ ହେଲେ ବଡ଼ଝରା ଗ୍ରାମର ପପୁନ୍ ବେହେରା ଏବଂ ବଅଁରପାଳ ଥାନା ଚଉରିଡ଼ିହ ଗ୍ରାମର ପ୍ରଶାନ୍ତ ସାହୁ। ଉଭୟଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ସୂଚନା ଦେଇଛନ୍ତି।

# ପଲିଥିନ୍ ବନ୍ଦ ଲାଗି ଦୋକାନରେ ଚଢ଼ାଉ

ଢେଙ୍କାନାଳ ଅଫିସ, ୧।୧୦

ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନଜରରେ ରଖି ମଙ୍ଗଳବାର ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପ୍ଲାଷ୍ଟିକ୍ ଏବଂ ପଲିଥିନ ଜବତ କରାଯାଇଛି। ଦୋକାନୀଙ୍କ ନିକଟରୁ ୩୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ନିର୍ଦ୍ଦେଶରେ କର୍ମଚାରୀ ବସନ୍ତ ପଟ୍ଟନାୟକ, ବିଭୂତି ସ୍ୱାଇଁ, ଉସ୍‌ମାନ ବିବି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆଗକୁ ମଧ୍ୟ ଏହିପରି ଚଢ଼ାଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ଯୁବକ ମୃତ

ଢେଙ୍କାନାଳ ଅଫିସ, ୧।୧୦

ଗଁଦିଆ ଥାନା ଦେଓଗାଁ-ଶୋରିଷିଆପଦା ରାସ୍ତାର ବଣିଆ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକ ଶୈଳ ହେମ୍ବ୍ରମ (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ଘର ତାଳପଡା ଗ୍ରାମରେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇବା ସହ ବାଇକ୍ ଜବତ କରିଛି। ଏ ନେଇ ନଂ. ୧୭୧/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର ସାହୁ କହିଛନ୍ତି।






## ଆଜି କ'ଣ କେଉଁଠି

**ଢେଙ୍କାନାଳ**

➢ଗାନ୍ଧୀଜୟନ୍ତୀ ସମାରୋହ
ସ୍ଥାନ: ସୂଚନାକେନ୍ଦ୍ର ପରିସର
ସମୟ: ପୂର୍ବାହ୍ନ ୮ଟା।

➢୬୫ତମ ବନ୍ୟପ୍ରାଣୀ ସପ୍ତାହ
ସ୍ଥାନ: କପିଳାସ ଚିଡ଼ିଆଖାନା ପରିସର
ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

➢ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ: ପୂର୍ବାହ୍ନ ୯ଟା।

**ଅନୁଗୋଳ**

➢ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ
ସମୟ: ସକାଳ ୭ଟା।
ସ୍ଥାନ: ଗାନ୍ଧୀ ପାର୍କ
ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ

➢ଓସିଏ ଉପସଭାପତିଙ୍କୁ ସମ୍ବର୍ଦ୍ଧନା
ସମୟ: ମଧ୍ୟାହ୍ନ ସାଢ଼େ ୧୨ଟା।
ସ୍ଥାନ: କଦମ ପଡ଼ିଆ

## ସଂକ୍ଷେପରେ

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କାମାକ୍ଷାନଗର, ୧।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗରସ୍ଥିତ ସୋଗରେଶ୍ୱର ବିଦ୍ୟାନିକେତନର ବିଜ୍ଞାନ ଶିକ୍ଷକ ବିନୋଦ କୁମାର ମିଶ୍ର ସୋମବାର ଚାକିରିରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୈଦ୍ୟନାଥ ସାହୁ, ଗୋପାଳ ଚନ୍ଦ୍ର ସାହୁ, ଶାରଦା ପ୍ରସନ୍ନ ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କର ନିରାମୟ ଜୀବନ କାମନା କରିଥିଲେ। ଶରତ ଚନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

### ନବାଗତଙ୍କୁ ସମ୍ବର୍ଦ୍ଧନା




**ଭୁବନ, ୧।୧୦(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି କଲେଜ ପରିସରରେ ମଙ୍ଗଳବାର ରସାୟନ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସତ୍ୟନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସୁବିଧା ଲାଗି କଲେଜରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏହାକୁ ଆପଣାଇ ପାଠପଢ଼ାରେ ମନଦେଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ମୁଖ୍ୟଅତିଥି ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ସଞ୍ଜୟ ସାହୁ, ଜୀବନ ରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀ ଆଲିସା ସାମଲ, ଛାତ୍ର ଶେଖର ମହାନ୍ତ ଅନୁଭୂତି ବଖାଣିବା ସହ ନବାଗତଙ୍କୁ ଉତ୍ସାହିତ କରାଇଥିଲେ। ଆଶୁତୋଷ ମିଶ୍ର, ପୂଜାରାଣୀ ସାହୁ, ଧରିତ୍ରୀ ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ




**ସାତମାଇଲ, ୧।୧୦(ଡି.ଏନ.ଏ.):** ସାତମାଇଲସ୍ଥିତ ଜନତା କଲେଜର ରାଜନୀତି ବିଜ୍ଞାନ, ଭୂଗୋଳ ଏବଂ ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ବିଭାବତୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମନିର୍ଭରଶୀଳ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ରୁମ୍ଲି ନନ୍ଦ, ଅନିତା ଅଞ୍ଜଳି ସାହୁଙ୍କ ସମେତ ବରିଷ୍ଠ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଭୂଗୋଳ ବିଭାଗ ମୁଖ୍ୟ ଅଧ୍ୟାପକ ଜୟନ୍ତ କୁମାର ମହାପାତ୍ର ଏବଂ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନବାଗତଙ୍କୁ ସ୍ୱାଗତ କରାଯାଇଛି। ବରିଷ୍ଠ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଏଥିରେ ସହଯୋଗ କରିଥିଲେ।

---

■ଜିଏମ୍ଆର୍‌ରେ ସୁରକ୍ଷା ବୈଠକ

# ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ




ବୈଠକରେ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୧।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍ଆର କମଲାଙ୍ଗ ଏନର୍ଜି ଲିମିଟେଡ୍ ପରିସରରେ ଫ୍ୟାକ୍ଟ୍ରି ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟିଲ୍ ଏବଂ ଏନର୍ଜି କମ୍ପାନୀର ବିଭିନ୍ନ ବିଭାଗରୁ ୬୦୦ ପ୍ରତିନିଧି ଯୋଗଦେଇ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଫ୍ୟାକ୍ଟ୍ରି ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନିରଞ୍ଜନ ସାହୁ ବୈଠକକୁ ଉଦ୍‌ଘାଟନ କରିଥିଲେ। ଉପନିର୍ଦ୍ଦେଶକ (ସୁରକ୍ଷା) ରମେଶ କୁମାର ବେହେରା, ଅନୁଗୋଳ ଡିଭିଜନର ଉପନିର୍ଦ୍ଦେଶକ ଅବନୀକାନ୍ତ ନାୟକ, ଜିକେଇଏଲ ସିଓଓ ରମେଶ ଆର୍. ପାଇ, ଟାଟାଷ୍ଟିଲ୍ ବିଏସ୍ଏଲ୍ ସିଓଓ ସୁବୋଧ ପାଣ୍ଡେ, ନାଲ୍କୋ ଇଡି ମାନସ ମିଶ୍ର ପ୍ରମୁଖ ଯୋଗଦେଇ କମ୍ପାନୀ କର୍ମଚାରୀଙ୍କ ସୁରକ୍ଷା ଲାଗି ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଠି ହୋଇ କାମ କରିବା, କଠିନ ପରିଶ୍ରମ କରିବା, ନୂତନ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଶିକ୍ଷାଦେବା, ଦୁର୍ଘଟଣା ରୋକିବା ଦିଗରେ ପ୍ରୟାସ ଜାରି ରଖିବାକୁ ବରିଷ୍ଠ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଦୁର୍ଘଟଣା ରୋକିବା ଦିଗରେ ଜିକେଇଏଲ କମ୍ପାନୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ନିର୍ଦ୍ଦେଶକ ପ୍ରଶଂସା କରିଛନ୍ତି। ଏହି ଅବସରରେ ଜିକେଇଏଲ୍, ନାଲ୍କୋ, ଜେଏସ୍‌ପିଏଲ୍, ଟାଟା ବିଏସ୍ଏଲ୍ ଓ ପାରାଦୀପ ଫସଫେଟ୍ ଦ୍ୱାରା ପ୍ରସ୍ତୁତ ସୁରକ୍ଷା ଆପ୍‌କୁ ସେ ଉଦ୍‌ଘାଟନ କରିଥିଲେ। ଉତ୍ତମ ସୁରକ୍ଷା ପଦକ୍ଷେପ ପାଇଁ ୨୪ଜଣ କର୍ମଚାରୀ ପୁରସ୍କୃତ ହୋଇଥିଲେ। ଜିକେଇଏଲ୍ ପକ୍ଷରୁ ଏସ୍ଏଚ୍‌ଜିକୁ ନେଇ ପ୍ରସ୍ତୁତ ଉପକରଣ ଏବଂ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ସୁରକ୍ଷା ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଫ୍ୟାକ୍ଟ୍ରି ଏବଂ ବଏଲର୍ସ ବିଭାଗର ସୁଧାଂଶୁ ଶେଖର ସାହୁ, ବିଶ୍ୱଜିତ୍ ପାଣିଗ୍ରାହୀ, ରମାକାନ୍ତ ସାମନ୍ତରାୟ ଓ ଜିକେଇଏଲ୍ କର୍ମଚାରୀ ବୈଠକ ପରିଚାଳନା କରିଥିଲେ।

---

■ବଳଦଯାତ୍ରା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

# ସହଯୋଗ କରିବାକୁ ଆହ୍ୱାନ



ବୈଠକରେ ଶାନ୍ତି କମିଟି କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ଭୁବନ, ୧।୧୦(ଡି.ଏନ.ଏ.)**

ଐତିହାସିକ ବଳଦଯାତ୍ରା ପାଇଁ ସ୍ଥାନୀୟ ମଦନମୋହନଜୀଉ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶାନ୍ତି କମିଟିର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବାସୁଦେବ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସାରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ଶାନ୍ତି କମିଟି କର୍ମକର୍ତ୍ତା ଦିଲୀପ ଦାସ, କୁଞ୍ଜବିହାରୀ ଚିନ୍ନାରା, ବିଶ୍ୱନାଥ ସାହୁ, ଖଗେଶ୍ୱର ନାୟକ, ଅଜୟ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟ, ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା, ବଳଦିଆ ଉପସ୍ଥିତ ରହି ଦଶହରା ଯାତ୍ରାକୁ ସରସ ସୁନ୍ଦର କରିବା ଉପରେ ଆଲୋଚନା କରିଥିଲେ। ଚଳିତ ଯାତ୍ରାରେ ପୂର୍ବବର୍ଷର ରୁଟ୍ ଅପରିବର୍ତ୍ତିତ ରହିବ। ରାତି ୮ଟା ସୁଦ୍ଧା ରାବଣପୋଡ଼ି କାର୍ଯ୍ୟକ୍ରମ ଶେଷ ହେବ। ବଳଦିଆମାନେ ସେମାନଙ୍କ ବଳଦକୁ ସୁସଜ୍ଜିତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶୋଭାଯାତ୍ରାରେ ସାମିଲ କରିବେ। ଏଥିରେ ପୂର୍ଣ୍ଣ ସହଯୋଗ କରିବାକୁ କମିଟି ସଭାପତି ବଳଦିଆ ଏବଂ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

---

# 'ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ'

**ଢେଙ୍କାନାଳ ଅଫିସ, ୧।୧୦**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ବିବାଦ ବିକଳ୍ପ ସମାଧାନ କେନ୍ଦ୍ର ପରିସରରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୁଭମ୍' ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାଶ ଅଧ୍ୟକ୍ଷତା କରି କହିଲେ, ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ। ସେମାନଙ୍କ ସୁରକ୍ଷା ଲାଗି ବିଭିନ୍ନ ଆଇନ ରହିଛି। ଆବଶ୍ୟକ ସମୟରେ ସେମାନେ ଏହାର ସୁଯୋଗ ନେଇପାରିବେ। ବୟସ୍କ ଲୋକମାନେ ସୁସ୍ଥ ଏବଂ ନୀରୋଗ ରହିଲେ ପରିବାରରେ ସୁଖଶାନ୍ତି ଅବ୍ୟାହତ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିରଞ୍ଚି କୁମାର ରଥ, ଅତିରିକ୍ତ ଜିଲା ଜଜ୍ ପ୍ରତିମା ପଣ୍ଡା, ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ କହିଲେ, ଅଧିକାର କ୍ଷୁଣ୍ଣ ହେଲେ ବରିଷ୍ଠ ନାଗରିକମାନେ ପ୍ରାଧିକରଣର ସହାୟତା ନେଇପାରିବେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ନଗଜାନନ୍ଦନ ଦାଶ, ଆର୍ଯ୍ୟରତ୍ନ ଚକ୍ରଧର, ପ୍ରଭାତ ସାହୁ, ପ୍ରହଲ୍ଲାଦ ତ୍ରିପାଠୀ, ପ୍ରସନ୍ନ ଶତପଥୀ, ସୌମେନ ରାୟ, ଧନେଶ୍ୱର ସାହୁ, ହରେକୃଷ୍ଣ କର, ଥାନା ନିରୀକ୍ଷକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅତିରିକ୍ତ ଜିଲା ଜଜ୍ ରାଜକିଶୋର ମହାପାତ୍ର, ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ମୁକ୍ତିରଞ୍ଜନ ଶତପଥୀ, ଅଲ୍ପନା ସ୍ୱାଇଁ, ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ସୁଶାନ୍ତ ନାୟକ, ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ, ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜିତ ବେହେରା, କୋର୍ଟ ମ୍ୟାନେଜର ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଶୁଭ ସଙ୍କଳ୍ପ ପଟ୍ଟନାୟକ, ପାରାଲିଗାଲ ସ୍ୱେଚ୍ଛାସେବୀ ଅଭିରାମ ବାରିକ, ବଶିଷ୍ଠ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

---

## ଜାତୀୟ ପ୍ରେସ୍ ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

**ତାଳଚେର,୧।୧୦(ନି.ପ୍ର.)**

ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ପାଳିତ ହେବାକୁ ଥିବା ଜାତୀୟ ପ୍ରେସ୍ ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡେରାସ୍ଥିତ ଜଗନ୍ନାଥ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀର ମୋହନ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘର କେତେକ ନୀତି ନିୟମରେ ପରିବର୍ତ୍ତନ କରାଯାଇଥିବା ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ବୈଠକରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସହ ନୂତନ ସଭ୍ୟ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଉପ ସଭାପତି ଅଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଜାନକୀ ବଲ୍ଲଭ ନାୟକ, ସହ ସମ୍ପାଦକ ରୁଦ୍ର ମୋହନ ଗଡ଼ନାୟକ, କୋଷାଧ୍ୟକ୍ଷ ସଞ୍ଜୟ ଦଳାଇ, ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

---

# ଦଳିତ ସେବା ସଂଘ ବୈଠକ



ବୈଠକରେ ଉପସ୍ଥିତ ଦଳିତ ସଂଘର କର୍ମକର୍ତ୍ତା।

**କାମାକ୍ଷାନଗର, ୧।୧୦(ଡି.ଏନ.ଏ.)**

କାମାକ୍ଷାନଗର ରାଜସ୍ୱ ଡାକବଙ୍ଗଳା ପରିସରରେ ସୋମବାର ବି.ଆର୍. ଆମ୍ବେଡକର ମୂଳନିବାସୀ ଦଳିତ ସେବା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭିକାରି ଚରଣ ନାୟକ ଏଥିରେ ସଭାପତିତ୍ୱ କରି କହିଲେ, ଗରିବ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସେବା ଯୋଗାଇଦେବା ସଂଘର ମୂଳ ଉଦ୍ଦେଶ୍ୟ। ଆମ୍ବେଡକରଙ୍କ ନୀତିଆଦର୍ଶକୁ ପାଥେୟ କରି ଦଳିତଙ୍କ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ପ୍ରହଲ୍ଲାଦ ନାୟକ, ଧର୍ମାନନ୍ଦ ନାୟକ, ସୁରେଶ ନାୟକ, ପରଜଙ୍ଗ ଦଳିତ ସଂଘର ଲମ୍ବୋଦର ନାୟକ, ଚନ୍ଦ୍ରମଣି ମଲ୍ଲିକ, ନାରୀନେତ୍ରୀ ଶାନ୍ତିଲତା ବେହେରା, ପରିମାଳର ମଦନ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ମାଧବାନନ୍ଦ ମାରାଣ୍ଡି, ତୀର୍ଥ ନାୟକ, ମଳୟ ନାୟକ, କୃଷ୍ଣ ନାୟକ, ଅଚ୍ୟୁତ ନାୟକ, ମୁରଲୀ ନାୟକ, ଭଜମନ ମଲ୍ଲିକ, ବିଷ୍ଣୁ ମଲ୍ଲିକ, ମାଧବ ଚରଣ ନାୟକ, ବାହାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

---

# 'ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ରାଧାନାଥ'

**ପରଜଙ୍ଗ, ୧।୧୦(ଡି.ଏନ୍.ଏ.)**

କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା। ସେ ଥିଲେ ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟର ସଂଯୋଗର ସେତୁ। ନିଆରା ଲେଖନୀ ଚାଳନା ପାଇଁ ସେ ସର୍ବଦା ମନେରହିବେ ବୋଲି କହିଛନ୍ତି ପରଜଙ୍ଗ କଲେଜ ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରବୋଧ କୁମାର ରଥ। ଓଡ଼ିଆ ବିଭାଗ ପକ୍ଷରୁ ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ 'କବିବରଙ୍କ ଜୀବନୀ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

କଲେଜ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ଅଞ୍ଜନ ମହାରଣା ନିଜସ୍ୱ ପ୍ରବନ୍ଧ ପାଠ କରିବା ସହ କବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୩ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେମିନାର ସମ୍ପାଦିକା ବନସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।



ରାଧାନାଥ ଜୟନ୍ତୀରେ ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନେ।

---

# ନକଲି ମଦ ଜବତ, ୩ ଗିରଫ

**ଅବକାରୀ ଚଢ଼ାଉ**

**ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ.ଏ.), ୧।୧୦**

ଭୁବନ ଥାନା ଅଞ୍ଚଳରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ମଦ ଜବତ କରାଯାଇଛି। ବାଜିଛକରେ ରହୁଥିବା ଥୁରିଆ ସାହୁ (୩୭)ଙ୍କଠାରୁ ୪୮ ବୋତଲ ନକଲି ବିଦେଶୀ ମଦ, ୪୮୦ ନକଲି ଲେବୁଲ, ୧୦୭୦ ଠିପି, ୪୦ ଲିଟର ସ୍ପିରିଟ୍, ୫୦୦ମିମି କାରମେଲ ଜବତ କରାଯାଇଛି। ସେହିପରି ଚଣ୍ଡୀପାଳ ଅଞ୍ଚଳର ଲକ୍ଷ୍ମୀ ବେହେରା (୩୦)ଙ୍କଠାରୁ ୧୪ ଲିଟର ଦେଶୀ ମଦ ଏବଂ ଏନ୍ଏସିର ସରୋଜ କୁମାର ସାହୁ (୨୩)ଙ୍କଠାରୁ ସାଢ଼େ ୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ କରାଯାଇଥିବା ଏହି ଚଢ଼ାଉରେ ଇନ୍ସପେକ୍ଟର ରାଜଶେଖର ସ୍ୱାଇଁ, ସମୀର ମହାନ୍ତି, ସ୍ୱପ୍ନାରାଣୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଗତ ଦୁଇଦିନ ମଧ୍ୟରେ ସଦର, କାମାକ୍ଷାନଗର, ହିନ୍ଦୋଳ ଏବଂ ଗଁଦିଆ ବ୍ଲକ ଅଞ୍ଚଳରେ ଚଢ଼ାଉ କରାଯାଇ ୧୨ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ପୃଥକ୍ ଭାବେ ୯ଟି ମାମଲା ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତମାନେ।

---

## ଝାମ୍ପିନେଲେ ସୁନାଚେନ

**ଭାପୁର, ୧।୧୦(ଡି.ଏନ.ଏ.)**

ବାହାନା କରି ଘରଭଡ଼ା ବୁଝିବାକୁ ଆସିଲେ। କେହି ନ ଥିବା ସୁଯୋଗ ଦେଖି ମହିଳାଙ୍କ ବେକରୁ ଝାମ୍ପି ନେଇ ସୁନାଚେନ। ସଦର ଥାନା ଭାପୁରରେ ମଙ୍ଗଳବାର ଅଭିନବ ଉପାୟରେ ଦୁର୍ବୃତ୍ତମାନେ ଏପରି ଲୁଟ୍ କରିଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବିମଳକୃଷ୍ଣ ନନ୍ଦଙ୍କ ସ୍ତ୍ରୀ ନଳିନୀପ୍ରଭା (୬୫)। ଏ ନେଇ ଫାଣ୍ଡିରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଡ଼ିଆରୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୁଣା ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ରୁହନ୍ତି ବିମଳକୃଷ୍ଣଙ୍କ ପରିବାର। ସକାଳେ ୨ଜଣ ଯୁବକ ବାଇକ୍‌ରେ ଆସି ନଳିନୀଙ୍କୁ ଘର ଭଡ଼ା ସମ୍ପର୍କରେ ପଚାରିଥିଲେ। ଘର ଆଖପାଖରେ କେହି ରହୁଛନ୍ତି କି ନାହିଁ ସେ ନେଇ ସୂଚନା ହାସଲ କରିଥିଲେ। ଏହାପରେ ନଳିନୀଙ୍କୁ ଗେଟ୍ ବନ୍ଦ କରିବାକୁ କହିଥିଲେ। ତେବେ ମହିଳା ଜଣକ ଘରକୁ ଯିବା ସମୟରେ ଧକ୍କା ଦେଇ ସେ ପିନ୍ଧିଥିବା ୨ ଭରି ଓଜନର ସୁନାଚେନ ଝାମ୍ପି ନେଇଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ଆଠଗଡ଼ ଆଡ଼କୁ ପଳାଇଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

---

■ଜିଲାସ୍ତରୀୟ ଖୋଖୋ, କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗନେଲେ ୩୩୬ ପ୍ରତିଯୋଗୀ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୧।୧୦(ଡି.ଏନ୍.ଏ.)**

କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ମଙ୍ଗଳବାର ବିଦ୍ୟାଳୟସମୂହ ଜିଲାସ୍ତରୀୟ ଖୋଖୋ, କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୩୬ ପ୍ରତିଯୋଗୀ ଭାଗ ନେଇଛନ୍ତି। ତନ୍ମଧ୍ୟରେ ଖୋଖୋରେ ୮୮ ବାଳିକା, ୮୮ ବାଳକ, କବାଡ଼ିରେ ୮୦ ବାଳିକା ଏବଂ ୮୦ଜଣ ବାଳକ ଅଛନ୍ତି। ପ୍ରତିଯୋଗିତା ପରିଚାଳନା କରିବାକୁ ୧୪ ମ୍ୟାନେଜର ଏବଂ ୨୩ କ୍ରୀଡ଼ା ପରିଚାଳକ ନିୟୋଜିତ ହୋଇଛନ୍ତି।

ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ଯୋଗଦେଇ କହିଲେ, କ୍ରୀଡ଼ା ସଂହତିର ପ୍ରତୀକ। ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ଦୋଳଗୋବିନ୍ଦ ରାଉତ କହିଲେ, କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଂଶ। ଏହାକୁ ସମସ୍ତ ହୃଦୟଙ୍ଗମ କରି ଖେଳକୁଦରେ ସୁନାମ ଆଣିବାକୁ ସେ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷା ଜିଲାଧିକାରୀ ମାୟାଧର ପାଣି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ବିଶ୍ୱାଳ, ବଟକୃଷ୍ଣ ଦାସ, ଉପେନ୍ଦ୍ର ପଣ୍ଡା, ରାଜ୍ୟ ପାଇକ ସଂଘ ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ପରିଚାଳନା କମିଟି ସଭାପତି ସତ୍ୟଜିତ୍ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

କ୍ରୀଡ଼ା ଶିକ୍ଷକ ବାନାର୍ଜୀ ମହାନ୍ତି, ବିପିନ ବିହାରୀ ସାହୁ, ପ୍ରଭାସ ମହାନ୍ତି, ଶିଶିର ସାହୁ, ସୁଶାନ୍ତ ନାଥ, କାଳିନ୍ଦୀ ପରିଡ଼ା କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ବିବରଣୀ ପାଠ କରିଥିବାବେଳେ ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଶ୍ରୀରାମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୩ୟ ଥର ଖୋଲିଲା ରେଙ୍ଗାଳି ଡ୍ୟାମ୍ ଗେଟ୍



କଣିହାଁ,୧।୧୦(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ଚଳିତବର୍ଷ ୩ୟ ଥର ପାଇଁ ବନ୍ୟାଜଳ ନିଷ୍କାସନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇଥିଲା। ଏଠାରେ ବିପଦସଙ୍କେତ ୧୨୩.୫୦ ମିଟର ରହିଥିବାବେଳେ ଜଳସ୍ତର ୧୨୪.୪ ମିଟର ଛୁଇଁଥିଲା। ଖୋଲାଯାଇଥିବା ଗୋଟିଏ ଗେଟ୍ ଓ ପାୱାରହାଉସରୁ ପ୍ରତି ସେକେଣ୍ଡରେ ୨୨୮୩ .୬୮ ଘନମିଟର ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରୁ ଜଳଭଣ୍ଡାରକୁ ୨୬୧୮.୩୬ ଘନମିଟର ଜଳ ପ୍ରବେଶ କରୁଛି ବୋଲି ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା ସୂଚନା ଦେଇଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧।୧୦(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ ଗୋବିନ୍ଦପୁର ଗ୍ରାମର ପ୍ରମୋଦା ରାଉତଙ୍କୁ ତାଙ୍କ ଦିଅର ପରମା ରାଉତ ଏକ ଠେଙ୍ଗାରେ ପିଟିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୭୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରମୋଦା ରଖିଥିବା ଏକ ଶୁଆକୁ ନେଇ ଦିଅର ଭାଉଜଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ପ୍ରମୋଦାଙ୍କୁ ପରମା ଠେଙ୍ଗାରେ ପଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଗତିକୃଷ୍ଣପୁର ଗ୍ରାମର ଶାନ୍ତିଲତା ସାହୁଙ୍କୁ ସେହି ଗ୍ରାମର ଗିରିଶ ସାହୁ, ବିଶ୍ୱଜିତ୍ ସାହୁ ମାଡ଼ ମାରିଥିବା ରବିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗିରିଶଙ୍କ ସହ ଶାନ୍ତିଲତାଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଶାନ୍ତିଲତା ଘରେ ଏକୁଟିଆ ଥିବାବେଳେ ଗିରିଶ ଓ ବିଶ୍ୱଜିତ୍ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୧୬୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅନୁଗୋଳ ଶିଶୁ ମଙ୍ଗଳ କମିଟିର ନୂଆ ଅଧ୍ୟକ୍ଷ



ଅନୁଗୋଳ ଅଫିସ, ୧।୧୦: କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଧାରା ୨୭ ଅନୁଯାୟୀ ଅନୁଗୋଳ ଶିଶୁ ମଙ୍ଗଳ କମିଟି ପୁନର୍ଗଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁଗୋଳ ଶିଶୁ ମଙ୍ଗଳ କମିଟିର ନୂଆ ଅଧ୍ୟକ୍ଷ ଭାବେ ସଞ୍ଜୀବ କୁମାର କରଙ୍କୁ ଚୟନ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ଉପସ୍ଥିତିରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷ କର ତାଙ୍କ ପଦବୀରେ ଯୋଗଦାନ କରିଛନ୍ତି। ଏହାପରେ ସେ ଶିଶୁ ମଙ୍ଗଳ କମିଟିରେ ଯୋଗଦେଇ ନିଜର ଦାୟିତ୍ୱବହନ କରିବେ ବୋଲି ସୂଚନା ମିଳିଛି।

### ନିଯୁକ୍ତି ଅନିୟମିତତା ପ୍ରତିବାଦରେ ଧାରଣା

ଛେଣ୍ଡିପଦା,୧।୧୦(ସ୍ୱ.ପ୍ର): ଅନୁଗୋଳ ଜିଲା ଜରପଡା ପତିତପାବନ ଡିଗ୍ରୀ କଲେଜରେ ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ମଙ୍ଗଳବାର କିଛି ଆବେଦନକାରୀ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅଭିଯୋଗ ମୁତାବକ, କଲେଜର କିଛି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପରେ ଆବେଦନକାରୀ ଆବେଦନ କରିଥିଲେ। କୌଣସି ପରୀକ୍ଷା ନ କରି କଲେଜ ଅଧିକାରୀ ଓ ପରିଚାଳନା କମିଟି ପକ୍ଷରୁ ଜଣଙ୍କୁ ବେଆଇନ ନିଯୁକ୍ତି ଦିଆଯାଇଥିବା ଆବେଦନକାରୀମାନେ ଅଭିଯୋଗ କରିବା ସହ ଧାରଣାରେ ବସି ରହିଥିଲେ। ପରେ ଅଧ୍ୟକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଧାରଣାକାରୀ ପ୍ରକାଶ କରିଛନ୍ତି। ଏହାର ସମାଧାନ ପାଇଁ ଆବେଦନକାରୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପରିଚାଳନା କମିଟି ପକ୍ଷରୁ ଏହା ସମ୍ପୂର୍ଣ୍ଣ ଅସ୍ଥାୟୀ ନିଯୁକ୍ତି ହୋଇଥିବାରୁ ଏହା ପରିଚାଳନା କମିଟିର ପରିସର ଭୁକ୍ତ ବୋଲି କମିଟିର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

■ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ

ଛେଣ୍ଡିପଦା/ କଣିହାଁ/ ଆଠମଲ୍ଲିକ,୧।୧୦(ଡି.ଏନ.ଏ.)



ଛେଣ୍ଡିପଦା ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହଠାରେ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କେରକେଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ବ୍ଲକ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ପ୍ରହ୍ଲାଦ ସେଠୀ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବରିଷ୍ଠ ନାଗରିକଙ୍କ ନିମନ୍ତେ ତୀର୍ଥ ଯାତ୍ରୀ ଯୋଜନା, ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଓ ଅବହେଳିତ ହେଉଥିବା ବରିଷ୍ଠ ନାଗରିକଙ୍କୁ ଆଇନ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି କଣିହାଁ ପବିତ୍ରମୋହନ ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ରମେଶ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ କୁମାର ନାୟକ, ବକ୍ତାଭାବେ ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର, ନଗେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରି ପ୍ରଧାନ, ଏବିଡିଓ ବିଜୟ କୁମାର ମେହେର ଯୋଗ ଦେଇଥିଲେ। ଆଠମଲ୍ଲିକ ଏନଏସି ଓ ବ୍ଲକ ପରିସରରେ ମଧ୍ୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ରବିନ୍ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଅବସରପ୍ରାପ୍ତ ପ୍ରଫେସର ନନ୍ଦ କିଶୋର ମହାକୁଡ, ରାଜା ସାହେବ ପ୍ରଦୀପ ଚନ୍ଦ୍ର ଦେଓ, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ସାହୁ, ଅବସରପ୍ରାପ୍ତ କର୍ମଚାରୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଠମଲ୍ଲିକ ବ୍ଲକ ସଭାଗୃହରେ ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସମ୍ୟକ ସାମନ୍ତରା, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ।

## ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ତାଳଚେର,୧।୧୦(ନି.ପ୍ର.)

ତାଳଚେର ଅତିରିକ୍ତ ଜିଲା ଦୌରାଜଜ୍ ଲୁନା ମହାନ୍ତି ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ମୁନା ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡ ଓ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୪ ଜୁନ ୭ରେ ଖମାର ଥାନା ଅଞ୍ଚଳରେ ଏହି ବଳାତ୍କାର ଘଟଣା ଘଟିଥିଲା। ଜଙ୍ଗଲକୁ ଶାଳମଞ୍ଜି ସଂଗ୍ରହ ପାଇଁ ଯାଇଥିବା ଜଣେ ଯୁବତୀଙ୍କୁ ମୁନା ଟଣାଓଟରା କରିଥିଲେ। ଯୁବତୀ ପ୍ରତିବାଦ କରିବାରୁ ମୁନା ବନ୍ଧୁକ ଓ ଟାଙ୍ଗିଆରେ ଭୟଭୀତ କରାଇ ବଳାତ୍କାର କରିଥିଲେ। ଘରକୁ ଫେରି ପୀଡିତା ଘଟଣା ସମ୍ପର୍କରେ ଜଣାଇବା ସହ ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ୧୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ କାରାଦଣ୍ଡ ପାଇଁ ଅଦାଲତ ରାୟରେ ସ୍ପଷ୍ଟ କରିଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେକୃଷ୍ଣ ପାତ୍ର ଓ ନିର୍ମଳ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ।

# ପ୍ରଫେସର ଜୟାନନ୍ଦ ନାଏକଙ୍କ ପରଲୋକ

ଅନୁଗୋଳ ଅଫିସ, ୧।୧୦



ଅନୁଗୋଳର ବିଶିଷ୍ଟ ଐତିହାସିକ ପ୍ରଫେସର ଡକ୍ଟର ଜୟାନନ୍ଦ ନାଏକ(୭୫)ଙ୍କ ମଙ୍ଗଳବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ହୃଦ୍‌ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ଦୀପକ, ବୋହୂ, ଜ୍ୱାଇଁ, ଝିଅ ଲିଟିଲି, ନାତୁଣୀ, ନାତି, ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଅନୁଗୋଳରେ ଶୋକର ଛାୟା ଖେଳିଯାଇଛି।

ସ୍ୱର୍ଗତ ନାଏକ ଅନୁଗୋଳ କଲେଜର ଇତିହାସ ବିଭାଗ ମୁଖ୍ୟ ତଥା ପାରଳାଖେମୁଣ୍ଡି କଲେଜର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ସେ ଜଣେ ସୁଲେଖକ ତଥା ସାମାଜିକ କର୍ମୀ ଭାବେ ଜଣାଶୁଣା ଥିଲେ। ଅବସରପରେ ନାଏକ ଅନୁଗୋଳ କଲେଜର ପୁରାତନ ଛାତ୍ର ସଂସଦ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଜୟାନନ୍ଦ ଉତ୍କଳ ସମ୍ମିଳନୀ, ବାଳକୃଷ୍ଣ ପଟ୍ଟନାୟକ ସ୍ମୃତି ସଂସଦ, ପବିତ୍ର ମୋହନ ସ୍ମୃତି କମିଟି, ବିକଳ୍ପ ବିକାଶ, ରାଜା ସୋମନାଥ ସିଂହ ସ୍ମୃତି ସଂସଦ ଆଦି ଅନେକ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଖବରପାଇ ଦେବାଶିଷ ପଟ୍ଟନାୟକ, ତପନ ପୋଲାର, ପ୍ରତାପ ପ୍ରଧାନ, ପ୍ରିୟଦର୍ଶୀ ପଟ୍ଟନାୟକ, ସନ୍ତୋଷ ନାଏକ, ଅକ୍ଷୟ କୁମାର ପଟ୍ଟନାୟକ, ଦିଲୀପ ପ୍ରଧାନ, ଡ. ରମାମଞ୍ଜରୀ ସାହୁ, ପ୍ରଫେସର ଶାନ୍ତନୁ ସର, କୁମୁଦ ଚନ୍ଦ୍ର ଦାଶ, ଡ. ସୋମନାଥ ଗଡ଼ନାୟକ, ଡ. ଦିବାକର ସ୍ୱାଇଁ, ସୁବାସ ସାହୁ, ଧନେଶ୍ୱର ସାହୁ, ପ୍ରଣବ ନନ୍ଦ, ସୁଧୀର ପୃଷ୍ଟି, ପ୍ରଶାନ୍ତ ଦେହୁରୀ, ଜିତେନ୍ଦ୍ର ବେହେରା, ନରେଶ ଶତପଥୀ ପ୍ରମୁଖ ମେଡିକାଲ ଓ ବିଏଡ କଲେଜ ନିକଟସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ସ୍ଥାନୀୟ କରଡ଼ାଗାଡ଼ିଆସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ‘ମାତାପିତାଙ୍କୁ ବୋଝ ଭାବନି’

ତାଳଚେର,୧।୧୦(ନି.ପ୍ର.)

ତାଳଚେର ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପଞ୍ଚାୟତ ସମିତି ସଭାଘର ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବୟସ୍କ ମାତାପିତାଙ୍କୁ ବୋଝ ନ ଭାବି ସେମାନଙ୍କ ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବାରୁଆ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଶିକ୍ଷାବିତ୍ ଶୋଭାଗିନୀ ଦାସ ଓ ଗିରିଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ବାଉରୀବନ୍ଧୁ ବେଜ୍ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ପାଇଁ ଥିବା ଆଇନ୍ ଉପରେ ଆଲୋକପାତ କରିଥିଲେ। ସେବା ଅନୁଷ୍ଠାନର ବିଭୂତି ଭୂଷଣ ପଟ୍ଟନାୟକ ଡେରାଠାରେ ଥିବା ଜରାଶ୍ରମ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଡ. ରସାନନ୍ଦ ଗଡନାୟକଙ୍କ ନେତୃତ୍ୱରେ କଳିଙ୍ଗ ଆଖି ଚିକିତ୍ସାଳୟ, ଢେଙ୍କାନାଳ ଚକ୍ଷୁ ବିଭାଗର କର୍ମଚାରୀ ୧୮୦ ଜଣଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ସହ ଚଷମା ପ୍ରଦାନ କରିଥିଲେ। ସାମାଜିକ କର୍ମୀ କ୍ଷୀରୋଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ, ସଙ୍ଗୀତା ସାମଲ, ସୁଶୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତାଳଚରେ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## ଚୋରା କୋଇଲା ବୋଝେଇ ୪ ଟ୍ରକ୍ ଜବତ

ତାଳଚେର,୧।୧୦(ନି.ପ୍ର.)

ତାଳଚେରସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗବାର ପୂର୍ବାହ୍ନରେ ଚଢ଼ାଉ କରାଯାଇ ଏମ୍‌ସିଏଲ୍‌ର କୋଲ୍ କରିଡର ରାସ୍ତାରୁ ୪ଟି ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରାଯାଇଛି। ଉକ୍ତ ୪ଟି ଟ୍ରକ୍ ଚୋରା କୋଇଲା ନେଇ କୋଲ୍ କରିଡର ରାସ୍ତାରେ ଆସୁଥିବା ଖବର ପାଇ ଖଣି ଉପନିର୍ଦ୍ଦେଶକ ବିଷ୍ଣୁପଦ ରାଉତ ଓ ଅନ୍ୟ ଅଧିକାରୀମାନେ ବାଟରେ ଜଗି ରହିଥିଲେ। ପରେ ଗାଡ଼ିଗୁଡ଼ିକୁ (ନଂ. ଓଆର୧୯ଏମ– ୭୨୩୪, ଓଆର୦୬ଜି–୫୭୨୮,ଓଆର୧୯ଇ–୦୮୭୬, ଓଆର୧୯ଡି–୨୨୩୭) ବିଭାଗ ପକ୍ଷରୁ ଜବତ କରାଯାଇଥିଲା। ଏକ ସୁସଙ୍ଗଠିତ ର୍‍ୟାକେଟ ମାଧ୍ୟମରେ ପ୍ରତିଦିନ ଏଠାରୁ ଶହ ଶହ ଟ୍ରକ୍ ଯୋଗେ ଚୋରା କୋଇଲା ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## ଫଟୋରେ ଖବର



ମୋ ସରକାର : ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ‘ମୋ ସରକାର’ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବାରୁ ମଙ୍ଗଳବାର ଅନୁଗୋଳ ପୋଲିସ ପକ୍ଷରୁ ଥାନାକୁ ଆସିଥିବା ଅଭିଯୋଗକାରୀଙ୍କୁ ପାନୀୟ ଜଳ ପ୍ରଦାନ କରାଯାଉଛି।

## ଜିତେନ୍ଦ୍ର ମହାପାତ୍ରଙ୍କୁ କବି ଭାର୍ଗବ ସମ୍ମାନ

ତାଳଚେର,୧।୧୦(ନି.ପ୍ର.): ଅନୁଗୋଳ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶୈଳଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଉତ୍ସବରେ ତାଳଚେରର କବି ତଥା ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ କବି ଭାର୍ଗବ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥିମାନେ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

■ଅଣ୍ଟାରେ ଅଟକିଛି ଭଙ୍ଗା ଛୁଞ୍ଚି

# ଯନ୍ତ୍ରଣା ଭୋଗୁଛି ୫ ବର୍ଷର କନ୍ୟା

ଅନୁଗୋଳ ଅଫିସ, ୧।୧୦

ଅଣ୍ଟାରେ ଇଞ୍ଜେକଶନ ଛୁଞ୍ଚି ଭାଙ୍ଗି ରହିଯାଇଥିବାରୁ ଅନୁଗୋଳ ଜିଲା ତାଳଚେର କଣ୍ଡୋଳ ପଞ୍ଚାୟତ ବାଲୁଗାଁର ଜଣେ ୫ ବର୍ଷୀୟା ଶିଶୁକନ୍ୟା ଯନ୍ତ୍ରଣା ଭୋଗୁଛି। ଅନୁଗୋଳ ଓ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଅସ୍ତ୍ରୋପଚାର ବିଫଳ ହେବା ପରେ ଅର୍ଥ ଅଭାବରୁ ଆଉ ଚିକିତ୍ସା କରି ନ ପାରି ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିବା ସୂଚନା ମିଳିଛି। ତେବେ ଏ ନେଇ କିଛି ଜାଣି ନ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ(ମେଡିକାଲ) ଲକ୍ଷ୍ମୀ ନାରାୟଣ ବିଶୋଇ କହିଛନ୍ତି।

ଶିଶୁକନ୍ୟାଙ୍କ ବାପା ନିରଞ୍ଜନ ବେହେରା କହିଛନ୍ତି, ଦେଢ଼ମାସ ତଳେ ଝିଅ ବଳରାମପ୍ରସାଦସ୍ଥିତ ମାମୁ ଘରକୁ ଯାଇଥିବାବେଳେ ଜ୍ୱରରେ ପୀଡ଼ିତ ହୋଇଥିଲା। ନିକଟରେ ଥିବା ଏକ କ୍ଲିନିକ୍‌ର ଫାର୍ମାସିଷ୍ଟ ଝିଅକୁ ଇଞ୍ଜେକଶନ୍ ଦେଇଥିଲେ। କିନ୍ତୁ ଛୁଞ୍ଚିଟି ଭାଙ୍ଗି ଅଣ୍ଟାରେ ରହିଯାଇଥିଲା। ପରେ ଯନ୍ତ୍ରଣା ହେବାରୁ ଝିଅକୁ ଅନୁଗୋଳର ଏକ ଘରୋଇ ମେଡିକାଲରେ ଦେଖାଇଥିଲେ। ସେଠାରେ ଡାକ୍ତର ଅସ୍ତ୍ରୋପଚାର କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ପରେ କଟକର ଏକ ଘରୋଇ ନର୍ସିଂହୋମରେ ମଧ୍ୟ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ୩ଡି ଡିଜିଟାଲ ମେଶିନ ନ ଥିବାରୁ ଛୁଞ୍ଚି ଠାବ କରାଯାଇପାରି ନ ଥିଲା। ପାଖରେ ଆଉ ଅର୍ଥ ନ ଥିବାରୁ ଅଧିକ ଚିକିତ୍ସା କରି ନ ପାରି ଝିଅକୁ ଘରକୁ ଫେରାଇ ଆଣିଛନ୍ତି। ପ୍ରଶାସନ ସହାୟତା ଦେଲେ ଝିଅ ଯନ୍ତ୍ରଣାମୁକ୍ତ ହୋଇପାରନ୍ତା ବୋଲି ନିରଞ୍ଜନ ପ୍ରକାଶ କରିଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଅନୁଗୋଳ ଅଫିସ, ୧।୧୦

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତି, ଅର୍ଜୁନ ବାରିକ, ରକ୍ତଭଣ୍ଡାର ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଡାକ୍ତର ସୌମ୍ୟକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରିଥିବା ୯୦ଟି ସଙ୍ଗଠନକୁ ପୁରସ୍କୃତ କରାଯାଇଥିଲା।

# ଜିଲା ବିଜୁ କୃଷକ ସଭାପତିଙ୍କୁ ଭେଟିଲା ହିଡିସିଙ୍ଗ ମହାସଂଘ

ବନ୍ତଲା,୧।୧୦(ଡି.ଏନ.ଏ.)

ଅନୁଗୋଳ ବ୍ଲକ ବନ୍ତଲାସ୍ଥିତ ହିଡିସିଙ୍ଗ କୃଷକ ମହାସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ବିଜୁ କୃଷକ ଜନତା ଦଳ ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ସାକ୍ଷାତ କରି ପ୍ରସ୍ତାବିତ ହିଡିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମନ୍ତେ ପ୍ରଶାସନିକ କାର୍ଯ୍ୟ ବିଳମ୍ବ ନେଇ ଅବଗତ କରାଇଥିଲେ। ପ୍ରତିନିଧି ଦଳ କହିଥିଲେ ଯେ, ନନ୍ଦପୁର ପଞ୍ଚାୟତ କରଡ଼ାସିଙ୍ଗଠାରେ ହିଡିସିଙ୍ଗ ମଧ୍ୟମ ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ସରିଥିବାବେଳେ ଜଙ୍ଗଲ ଜମି ମଞ୍ଜୁର ନିମନ୍ତେ ଆବେଦନ କେନ୍ଦ୍ର ସରକାରଙ୍କୁ ପଠାଯିବ। ଜଙ୍ଗଲ ଜମି ସର୍ଭେ କରିବା ପାଇଁ ବେସରକାରୀ ସଂସ୍ଥା ଭିଜନଟେକ ଦାୟିତ୍ୱ ନେଇଛି। କିନ୍ତୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି। ଏହା ଜାଣିବା ପରେ ବିଜୁ କୃଷକ ଜନତା ଦଳ ସଭାପତି ତଥା ବିଧାୟକ ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ୩ ତାରିଖରେ ଏ ନେଇ ସମସ୍ତ ତଥ୍ୟ ଦେବାକୁ ବିଧାୟକ ଭିଜନ ଟେକ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଉକ୍ତ ପ୍ରତିନିଧି ଦଳରେ ହିଡିସିଙ୍ଗ କୃଷକ ମହାସଂଘ ସଭାପତି ଦିନେଶ ଦେହୁରୀ, ସମ୍ପାଦକ ତ୍ରିନାଥ ସାହୁ, ଉପସଭାପତି ଦୁର୍ଗାଚରଣ ପ୍ରଧାନ, କୋଷାଧ୍ୟକ୍ଷ ଦୈତାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ବୁଲିଲେ ଜିଲାପାଳ

ଅନୁଗୋଳ ଅଫିସ, ୧।୧୦

ଅନୁଗୋଳ ତହସିଲ କାର୍ଯ୍ୟାଳୟକୁ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତି ଅଚାନକ ଗସ୍ତ କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ସହ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ସେଠାରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ କାମରେ ଆସିଥିବା ଲୋକଙ୍କୁ ମଧ୍ୟ ଜିଲାପାଳ ଭେଟିଥିଲେ।

ପ୍ରକାଶ ଯେ, ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଦଲାଲମୁକ୍ତ କରିବାକୁ ରାଜ୍ୟ ସରକାର ଘୋଷଣା କରିବା ପରେ ଜିଲା ପ୍ରଶାସନ ଏ ଦିଗରେ ତତ୍ପର ହୋଇଉଠିଛି। ଜିଲାପାଳ ତହସିଲରେ ପହଞ୍ଚି ସେଠାରେ କାର୍ଯ୍ୟ କିପରି ଚାଲିଛି, କେଉଁ ବାହାର ବ୍ୟକ୍ତିମାନେ ସେଠାରେ ଅଛନ୍ତି ଏବଂ ସେମାନଙ୍କ ହାବଭାବ କିପରି ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ପଚାରି ବୁଝିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟର ସମସ୍ତ ବିଭାଗ ବୁଲି କେତେ କାମ ବାକି ରହିଛି ତାହା ଅନୁଧ୍ୟାନ କରିଥିଲେ। ତେବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୬୧୯ଟି ପଟ୍ଟା ବିଭିନ୍ନ ଲୋକଙ୍କୁ ପଠାଯାଇଛି। ଯେଉଁମାନେ ଆବେଦନ କରିବେ ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବ ବୋଲି ମଧ୍ୟ ଜିଲାପାଳଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଏ ନେଇ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି, ଜିଲାପାଳ କାର୍ଯ୍ୟାଳୟକୁ ଅନୁଧ୍ୟାନ କରିବାକୁ ଆସିଥିଲେ। ବାହାର ଲୋକମାନେ କାର୍ଯ୍ୟାଳୟକୁ ଆସୁଛନ୍ତି ନା ନାହିଁ ଓ ଠିକ୍ ଭାବେ କାର୍ଯ୍ୟ କରାଯାଉଛି କି ନାହିଁ ତାହା ଅନୁଧ୍ୟାନ କରିଥିଲେ।

## ତହସିଲ କାର୍ଯ୍ୟାଳୟ ଦଲାଲ ମୁକ୍ତ ଦାବି

ଅନୁଗୋଳ ଅଫିସ, ୧।୧୦

ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆସୋସିଏଶନ୍‌ର ବହୁ ସଭ୍ୟ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ତହସିଲ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଦାବି କରିଛନ୍ତି। ଏହି ଅବସରରେ ଜିଲାପାଳ ତହସିଲରେ ଦଲାଲମାନଙ୍କ ଏକ ଚିଠା ପ୍ରସ୍ତୁତ କରାଯାଇଥିବା ବାର ଆସୋସିଏଶନ୍‌କୁ ଅବଗତ କରିଥିବା ସଭାପତି ସାହୁ କହିଛନ୍ତି। ସଭାପତିଙ୍କ ସହିତ କୋଷାଧ୍ୟକ୍ଷ ଗୋପାଳ ଅଗ୍ରୱାଲ, ଆଇନଜୀବୀ ଅନୁପ ଗଡ଼ନାୟକ, ଧୀରେନ୍ଦ୍ର କୁମାର ପ୍ରଧାନ, ଧ୍ରୁବଚରଣ ଦେହୁରୀ, ଅଭୟ ପ୍ରଧାନ, ପାର୍ଥ ସାରଥି ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ।

■ପରିବେଶ ଓ ଜଙ୍ଗଲ ଅନୁମତି ଅବଧି ଶେଷ

# ଜଗନ୍ନାଥ କୋଇଲା ଖଣି କାର୍ଯ୍ୟ ବନ୍ଦ

ତାଳଚେର,୧।୧୦(ନି.ପ୍ର.)

ତାଳଚେରଠାରେ ଥିବା ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିର ଏନ୍‌ଭାଇରନମେଣ୍ଟାଲ ଓ ଫରେଷ୍ଟ କ୍ଲିୟରାନ୍ସ ଅବଧି ଶେଷ ହୋଇଯାଇଥିବାରୁ ସୋମବାର ରାତି ୧୨ଟାରୁ ଖଣି ଖନନ କାର୍ଯ୍ୟ ବନ୍ଦ କରାଯାଇଛି। ରାଜ୍ୟ ସରକାରଙ୍କ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ନୋଟିସ ଜାରି କରାଯିବା ପରେ ଖନନ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ଠିକଣା ସମୟରେ ଉଚିତ ପଦକ୍ଷେପ ନିଆ ନ ଯିବାରୁ ଓ କେତେଜଣ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

ବାର୍ଷିକ ୨୫ ମିଲିୟନ ଟନ ଉତ୍ପାଦନ କ୍ଷମତା ଥିବା ଜଗନ୍ନାଥ କୋଇଲା ଖଣିର ପରିବେଶ ଓ ଜଙ୍ଗଲ ଅନୁମତି ଅବଧି ୩୧।୩।୨୦୧୯ରେ ଶେଷ ହୋଇଯାଇଥିଲା। କର୍ତ୍ତୃପକ୍ଷ ୬ ମାସ ପାଇଁ ଏହାର ନବୀକରଣ କରାଇଥିଲେ। ଫଳରେ ୩୦।୯।୨୦୧୯ ଯାଏ ଅନୁମତି ଅବଧି ରହିଥିଲା। କିନ୍ତୁ ଏହି ସମୟ ମଧ୍ୟରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ଠାରୁ ଆଉ ଅନୁମତି ଆଣି ପାରି ନ ଥିଲେ। ଫଳରେ ଅକ୍ଟୋବର ୧ ଠାରୁ ଖଣି ଖନନ କାର୍ଯ୍ୟ ସହିତ କୋଇଲା ପରିବହନକୁ ବନ୍ଦ ରଖିବାକୁ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୨୩ରେ ପତ୍ରସଂଖ୍ୟା ୧୪୪୭ରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଖଣିରୁ ଦୈନିକ ୨୦/୨୫ ହଜାର ଟନ୍ କୋଇଲା ଉତ୍ତୋଳନ ହୋଇଥାଏ ଓ ଟିଟିପିଏସ୍‌କୁ ୫/୬ ହଜାର ଟନ ଯୋଗାଇ ଦିଆଯାଇଥାଏ। ଜମି ଅଭାବରୁ କିଛିଦିନ ହେଲା ଉତ୍ପାଦନ ବାଧାପ୍ରାପ୍ତ ହୋଇ ଆସୁଥିଲା। ଏବେ ଖଣି ଖନନ ବନ୍ଦ ରହିଥିବାରୁ ଏହି କ୍ଷତି ପାଇଁ ଏମ୍‌ସିଏଲ୍ ପ୍ରବନ୍ଧନ କାହାକୁ ଦାୟୀ କରିବେ ଓ କି ପଦକ୍ଷେପ ନେବେ ବୋଲି କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କନସେଣ୍ଟ ଟୁ ଅପରେଟ୍ (ସିଟିଓ) ନ ମିଳିବା ପର୍ଯ୍ୟନ୍ତ ପୁନଃ ଖଣି କାର୍ଯ୍ୟ ଆରମ୍ଭ ହୋଇପାରିବନି ବୋଲି ଜଣାପଡ଼ିଛି। ଏଥିପାଇଁ ଆହୁରି ୨/୩ ଦିନ ଖଣି ବନ୍ଦ ରହିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜଗନ୍ନାଥ ପ୍ରକଳ୍ପ ଅଧିକାରୀ ଏସ୍. ଚୌଧୁରୀ କହିଛନ୍ତି, ପରିବେଶ ମଞ୍ଜୁରୀ ନ ଥିବାରୁ ଖଣି କାର୍ଯ୍ୟ ବନ୍ଦ ରହିଛି।

### ଦଲାଲ ନାମରେ ଗିରଫଦାରିକୁ ଏମ୍‌ଆର୍‌ଙ୍କ ବିରୋଧ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




**ଅନୁଗୋଳ ଅଫିସ, ୧।୧୦**

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ (ଓଏସ୍‌ଆର୍‌ୟୁ) ଡାକରାରେ ଅନୁଗୋଳ ସହରରେ କାର୍ଯ୍ୟ କରୁଥିବା ସମସ୍ତ ମେଡିସିନ ରିପ୍ରେଜେଣ୍ଟେଟିଭ (ଏମ୍‌ଆର) ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଓଏସ୍‌ଆର୍‌ୟୁ ଅନୁଗୋଳ ଜିଲା ସଭାପତି ରଞ୍ଜନ ନନ୍ଦ ଓ ସମ୍ପାଦକ ସତ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ସ୍ଥାନରେ ଦଲାଲ ଆଖ୍ୟା ଦେଇ ଏମ୍‌ଆର୍‌ମାନଙ୍କୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଗିରଫ କରାଯାଉଛି। ସେମାନଙ୍କ ବୃତ୍ତିକୁ ବଦନାମ କରାଯିବାର ଷଡ଼ଯନ୍ତ୍ର ଚାଲିଛି। ତେଣୁ ଏପରି ଗିରଫଦାରି ବନ୍ଦ କରିବା ସହ ସରକାରୀ ମେଡିକାଲ ଓ ମେଡିକାଲ କଲେଜଗୁଡ଼ିକରେ ଏମ୍‌ଆର୍‌ମାନଙ୍କୁ ଏକ ଘଣ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। ସରକାର ଗିରଫଦାରି ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ବିକ୍ଷୋଭରେ ଶତାଧିକ ଏମ୍‌ଆର ଯୋଗଦେଇଥିଲେ। ପରେ ଜିଲାପାଳଙ୍କୁ ଭେଟି ସେମାନେ ଦାବିପତ୍ର ପ୍ରଦାନ କରିଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ହିଞ୍ଜାଗୁଳା ଗ୍ରାମର ଆରତୀ ନାୟକଙ୍କୁ ତାଙ୍କ ସ୍ୱାମୀ ହଣ୍ଡପା ଥାନା ଗାଁ ବଇଣ୍ଡା ଗ୍ରାମର ରଞ୍ଜନ ନାୟକ, ଶ୍ୱଶୁର ଈଶ୍ୱର ନାୟକ, ଶାଶୁ ନଳିନୀ ନାୟକ ନିର୍ଯାତନା ଦେଉଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୯୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଆରତୀ ୧୦ ବର୍ଷ ପୂର୍ବେ ରଞ୍ଜନଙ୍କୁ ବିବାହ କରିଥିଲେ। ହେଲେ କିଛିମାସ ହେବ ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ଅଧିକ ଯୌତୁକ ଆଣିବା ପାଇଁ କହି ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ମହିଳାଙ୍କୁ ଦମ୍ପତିଙ୍କ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ହୀନ ନାୟକଙ୍କୁ ସେହି ଗ୍ରାମର ଶଙ୍କର ଗୋଚ୍ଛାୟତ ଓ ତାଙ୍କ ସ୍ତ୍ରୀ ଚିତ୍ତ ଗୋଚ୍ଛାୟତ ଟାଙ୍ଗିଆରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୦୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ହୀନ ସେହି ଗ୍ରାମର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଥିବାବେଳେ ଉକ୍ତ ଗୋଷ୍ଠୀରେ ଚିତ୍ତ ସଦସ୍ୟ ଥିଲେ। କିଛିଦିନ ହେବ ଚିତ୍ତଙ୍କୁ ଗୋଷ୍ଠୀରୁ ବାହାର କରି ଦିଆଯାଇଥିବାରୁ ଏହାକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ହୃଦ୍‌ଘାତରେ ନାଲ୍‌କୋ କର୍ମଚାରୀ ମୃତ

# ପରିବାରର ଜଣେ ସଦସ୍ୟଙ୍କୁ ମିଳିବ ନିଯୁକ୍ତି

**ବଣାଁରପାଳ,୧।୧୦ (ଡି.ଏନ.ଏ.)**



ନାଲ୍‌କୋ ସିପିପି ଅପରେଶନ ବିଭାଗରେ ଚାକିରି କରିଥିବା ପ୍ରବୀଣ ବରାହ(୫୨) ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ପ୍ରବୀଣଙ୍କ ଘର ଗୋତମରା ଗ୍ରାମରେ। ସେ ସକାଳେ ପ୍ଲାଣ୍ଟରେ କାମ କରୁଥିବାବେଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, ଏନଏନଇୟୁ ସାଧାରଣ ସମ୍ପାଦକ ନିର୍ମଳ ଶତପଥୀ, ଶ୍ରମିକ ନେତା ଭରତ ଚନ୍ଦ୍ର ମାଝି, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ନେପୁ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ, ନାଲ୍‌କୋ ପେରିଫେରି ଟ୍ରକ୍ ମାଲିକ ସଂଘ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ, ଯୁବ ବିଜେଡି ନେତା ନରେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲେ। ତେବେ ପ୍ଲାଣ୍ଟ ପରିସରରେ ପ୍ରବୀଣଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନାଲ୍‌କୋରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଶ୍ରମିକ ନେତାମାନେ ସକାଳ ୧୧ ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ନାଲ୍‌କୋ ଡାକ୍ତରଖାନାରେ ମୃତଦେହ ଅଟକ ରଖିଥିଲେ। ଏ ନେଇ ନାଲ୍‌କୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ